

# ଆଇଏଲ୍ଓ ସମ୍ମିଳନୀ ୧୯୦

## କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନ ବିଷୟରେ

## ଆସନ୍ତୁ ସି୧୯୦ର ଅନୁସମର୍ଥନ ପାଇଁ ଅଭିଯାନ ଚଳାଇବା

## ଏହା ଜୀବନ ବଦଳିପାରେ

ସମ୍ମିଳନୀକୁ କାଗଜରୁ ବାସ୍ତବିକତାରେ ବଦଳାଇବା ପାଇଁ ସଂଘ ଭାବରେ ଆମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

ଆମକୁ ମିଳିମିଶି କାମ କରିବାକୁ ପଡ଼ିଥାଏ, ଯେଉଁଥିରୁ ସଦସ୍ୟ ରାଜ୍ୟମାନେ ସମ୍ମିଳନୀର ଅନୁସମର୍ଥନ କରି ଏହାକୁ ନିଜର ରାଷ୍ଟ୍ରୀୟ ଆଇନର ଅଂଶ କରିବେ।

### ସଂଘ କ'ଣ କରିପାରେ:

- ସଚେତନତା ବଢ଼ାଇବା ତଥା ସଂଘର ସଦସ୍ୟ ଓ ଜନସାଧାରଣଙ୍କୁ ଶିକ୍ଷିତ କରିବା।
- ପ୍ରତ୍ୟେକ ଦେଶରେ ସି୧୯୦ର ଅନୁସମର୍ଥନ ପାଇଁ ସକ୍ରିୟ ଅଭିଯାନ ଚଳାଇବା।
- କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନର ସମସ୍ୟା ସମ୍ପର୍କରେ ସମସ୍ତଙ୍କୁ ସମବେତ କରିବା।
- କାର୍ଯ୍ୟସ୍ଥଳର ହିଂସା ଓ ଉତ୍ପୀଡ଼ନକୁ ସମାପ୍ତ କରିବାରେ ସହାୟତା ପାଇଁ ଅନ୍ୟ ବାଣିଜ୍ୟିକ ସଂଘ, ରାଷ୍ଟ୍ରୀୟ କେନ୍ଦ୍ର, ଅଣ-ସରକାରୀ ସଂଗଠନ ଓ ବିଶେଷ ଭାବରେ ମହିଳାମାନଙ୍କର ଅଧିକାର ସମୂହ ସହିତ ମେଣ୍ଟ କରିବା।
- ଅନୁସମର୍ଥନର ପକ୍ଷ ରଖିବା ପାଇଁ ସଂରଚନାଗୁଡ଼ିକର ବିକାଶ କରିବା।

ଅଭିଯାନ ସମ୍ବନ୍ଧିତ ଅନ୍ୟାନ୍ୟ ସାମଗ୍ରୀ ଏଠାରେ ମିଳିବ:

**UNI GLOBAL UNION** www.breakingthecircle.org

**PSI** www.publicservices.international/campaigns/stop-gender-based-violence-at-work?id=5676&lang=en

**IUF** www.iuf.org/show.php?lang=en&tid=82

**IDWF** www.idwfed.org/en/campaigns/c190

**INDUSTRIALL** www.industriall-union.org/women-0

**IFJ** www.ifj.org/what/gender-equality.html

କାର୍ଯ୍ୟର ଦୁନିଆରେ ହିଂସା ଓ ଉତ୍ପୀଡ଼ନ ପ୍ରତ୍ୟେକ ସ୍ଥାନରେ ହୋଇପାରେ - ଅନ୍‌ଲାଇନ୍, ଭୌତିକ କାର୍ଯ୍ୟସ୍ଥଳରେ, ଯାତାୟାତ ସମୟରେ, ଯେଉଁଠାରେ କର୍ମଚାରୀମାନେ ବିଶ୍ରାମ କରନ୍ତି, ଖାଦ୍ୟ ଖାଆନ୍ତି କିମ୍ବା ନିଜର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାର ଆବଶ୍ୟକତାଗୁଡ଼ିକୁ ପୂରଣ କରନ୍ତି ଏବଂ ତତ୍‌ସହିତ ସାମାଜିକ ସଭାଗୁଡ଼ିକରେ ମଧ୍ୟ।

### ଆମେ ଏହାକୁ ରୋକିପାରିବା !

ଜୁନ୍ ୨୦୧୯ରେ, ଅନ୍ତର୍ରାଷ୍ଟ୍ରୀୟ ଶ୍ରମ ସମ୍ମେଳନ କହିବା ଅନୁସାରେ ବୈପ୍ଳବିକ ଅନ୍ତର୍ରାଷ୍ଟ୍ରୀୟ ସାଧନ, ସମ୍ମିଳନୀ ୧୯୦ (ସି୧୯୦) ଏବଂ ସୁପାରିସ ୨୦୬ (ଆର୍୨୦୬)କୁ ଆପଣାଇ କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନକୁ ବନ୍ଦ କରାଯିବ।

ଏହି ନୂଆ ସମ୍ମିଳନୀ ସମସ୍ତ ଶ୍ରମିକ – ଇନ୍‌ଟର୍ନ, ଅପରେଟର୍, ତାଲିମ୍‌ରେ ଥିବା ଲୋକ, ଯେଉଁ ଲୋକମାନଙ୍କର ରୋଜଗାର ବନ୍ଦ କରିଦିଆଯାଇଛି, ସ୍ୱେଚ୍ଛାସେବୀ ତଥା ଚାକିରି ଖୋଜୁଥିବା ଲୋକମାନଙ୍କର ଅସ୍ଥାୟୀ ସ୍ଥିତି ସତ୍ତ୍ୱେ ରକ୍ଷା କରିଥାଏ।

- ଏଥିରେ ଲିଙ୍ଗ ଆଧାରିତ ହିଂସା ଉପରେ ଦୃଢ଼ ନଜର ରହିଛି।
- କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନ ଦ୍ୱାରା ମହିଳାମାନେ ଅଧିକ ପ୍ରଭାବିତ ହୋଇଥା'ନ୍ତି।
- ଏହା ସାର୍ବଜନିକ ଓ ଘରୋଇ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ, ଔପଚାରିକ ଓ ଅନୌପଚାରିକ ଅର୍ଥବ୍ୟବସ୍ଥାର ସମସ୍ତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିଥାଏ।
- ଏହାର ପରିସର ହେଉଛି କାର୍ଯ୍ୟର ଦୁନିଆ, ଯାହା କେବଳ ବାସ୍ତବିକ କାର୍ଯ୍ୟସ୍ଥଳରୁ ବଡ଼ ଅଟେ। ସମ୍ମିଳନୀ ୧୯୦ କାହାକୁ ବି ଅଣଦେଖା କରେନାହିଁ।

### ସି୧୯୦ କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ?

- କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନକୁ ସହ୍ୟ କରାଯିବା ଉଚିତ ନୁହେଁ।
- ଏହା ପ୍ରଥମ ଅନ୍ତର୍ରାଷ୍ଟ୍ରୀୟ ମାନକ ଅଟେ, ଯାହାର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟ ଦୁନିଆରୁ ହିଂସା ଓ ଉତ୍ପୀଡ଼ନକୁ ସମାପ୍ତ କରିବା।
- ଏହା ହୃଦୟଙ୍ଗମ କରେ ଯେ, ସମସ୍ତଙ୍କୁ ହିଂସା ଓ ଉତ୍ପୀଡ଼ନ ମୁକ୍ତ କାର୍ଯ୍ୟ ଦୁନିଆର ଅଧିକାର ଅଛି।
- ସମ୍ମିଳନୀ ରାଷ୍ଟ୍ରୀୟ ଆଇନରେ ବିଦ୍ୟମାନ ବ୍ୟବଧାନକୁ ଭରିବ।

# ମନୋଭାବରେ ପରିବର୍ତ୍ତନ ଏବଂ ଲିଙ୍ଗ ସମାନତାର ପ୍ରୋତ୍ସାହନ

କାର୍ଯ୍ୟ ଦୁନିଆରେ ଆମେ ସମସ୍ତେ – ସରକାର, ନିଯୋକ୍ତା ଓ ଶ୍ରମିକମାନଙ୍କୁ ପାରସ୍ପରିକ ସମ୍ମାନ ଓ ଗରିମା ଆଧାରରେ କାର୍ଯ୍ୟ ସଂସ୍କୃତି ପ୍ରଦାନ କରିବା ତଥା ବଜାୟ ରଖିବା ନିମନ୍ତେ ଭୂମିକା ନିର୍ବାହ କରିବାର ଅଛି।

- ସମ୍ମିଳନୀ, କାର୍ଯ୍ୟ ଦୁନିଆରେ ଭେଦଭାବ ଓ ଅସମାନତା ସହ ଲଢ଼ିବାର ଏକ ଅର୍ଥପୂର୍ଣ୍ଣ ସାଧନ ଅଟେ।
- ସମ୍ମିଳନୀରେ କୁହାଯାଇଛି ଯେ, ସରକାରମାନେ ମହିଳା, ପ୍ରବାସୀ, ବିକଳାଙ୍ଗ ଲୋକ ତଥା ବହୁ ଓ ପ୍ରତିଚ୍ଛେଦିତ ପରିଚୟ ବିଶିଷ୍ଟ ଲୋକମାନଙ୍କୁ ବର୍ଣ୍ଣ, ଜାତୀୟତା, ସ୍ୱଦେଶୀ ସ୍ଥିତି, ଯୌନ ଅଭିବିନ୍ୟାସ ତଥା ଲିଙ୍ଗ ପରିଚୟକୁ ଆଧାର ନକରି ସମସ୍ତଙ୍କ ପାଇଁ ରୋଜଗାର ଓ ବ୍ୟବସାୟରେ ସମାନତା ଓ ଅଣ-ଭେଦଭାବର ଅଧିକାରକୁ ସୁନିଶ୍ଚିତ କରୁଥିବା ଆଇନକୁ ଆପଣାଇବ।
- ସମ୍ମିଳନୀରେ ନିର୍ଦ୍ଧାରିତ କରାଯାଇଥିବା ଅନୁସାରେ କାର୍ଯ୍ୟସ୍ଥଳ ବିପଦ ଆକଳନ, ଦୃଷ୍ଟିକୋଣକୁ ବଦଳାଇବାରେ ମଧ୍ୟ ସାହାଯ୍ୟ କରିପାରେ, କାରଣ ସେଗୁଡ଼ିକ ସେହି କାରକଗୁଡ଼ିକ ଉପରେ ନଜର ରଖିପାରେ, ଯାହା ଲିଙ୍ଗ ଆଧାରିତ ହିଂସା ଓ ଉତ୍ପୀଡ଼ନ (ଯେପରି ଲିଙ୍ଗ, ସାଂସ୍କୃତିକ ଓ ସାମାଜିକ ମାନଦଣ୍ଡ)ର ସମ୍ଭାବନାକୁ ବୃଦ୍ଧି କରିଥାଏ।
- ଏବଂ ସି୧୯୦ରେ ପ୍ରଥମ ଥର ପାଇଁ ଘରୋଇ ହିଂସାକୁ ମଧ୍ୟ ଏପରି ଏକ ଘଟକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ରୋଜଗାରକୁ ପ୍ରଭାବିତ କରିଥାଏ, ତତ୍‌ସହିତ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରିଥାଏ।

## ହିଂସା ଓ ଉତ୍ପୀଡ଼ନ କ'ଣ ?

- ହିଂସା ଓ ଉତ୍ପୀଡ଼ନ **ଭିନ୍ନ ଭିନ୍ନ ଅସ୍ୱୀକାର୍ଯ୍ୟ ବ୍ୟବହାର ଓ ପ୍ରଥା କିମ୍ବା ବିପଦ ଅଟେ**, ଯାହା ଏକ କିମ୍ବା ଅନେକ ଥର ହୋଇପାରେ, ଯାହାର ଉଦ୍ଦେଶ୍ୟ କିମ୍ବା ପରିଣାମ କିମ୍ବା ଯାହାର ପରିଣାମସ୍ୱରୂପ ଶାରୀରିକ, ମାନସିକ, ଯୌନଗତ କିମ୍ବା ଆର୍ଥିକ କ୍ଷତି ହୋଇପାରେ।
- ହିଂସା ଓ ଉତ୍ପୀଡ଼ନ, ଶାରୀରିକ ଦୁର୍ବ୍ୟବହାରଠାରୁ ଅନେକ ଅଧିକ ହୋଇଥାଏ। ଏହା, ଯୌନଗତ ଉତ୍ପୀଡ଼ନ, ମୌଖିକ ଓ ଭାବନାତ୍ମକ ଦୁର୍ବ୍ୟବହାର, ଡରେଇବା-ଧମକାଇବା, ପ୍ରଭାବ ଦେଖାଇବା, ଧମକ ଓ ପିଛା କରିବାର ରୂପ ନେଇପାରେ। ସଂସାଧନରୁ ବଞ୍ଚିତ କରିବା କିମ୍ବା ସେବା ପର୍ଯ୍ୟନ୍ତ ପହୁଞ୍ଚ ଏବଂ ସ୍ୱତନ୍ତ୍ରତାର ଅନ୍ୟାନ୍ୟ ବିରୋଧ ମଧ୍ୟ ହିଂସାର ରୂପ ଅଟେ।
- ନିଯୋକ୍ତା, ପରିଚାଳକ, ପର୍ଯ୍ୟବେକ୍ଷକ, ସମାସ୍କନ୍ଧ, ସହକର୍ମୀଙ୍କ ସମେତ ତୃତୀୟ ପକ୍ଷ, ଯେପରି ଗ୍ରାହକ, ନିଯୋକ୍ତାଙ୍କ ସମ୍ପର୍କୀୟ କିମ୍ବା ବନ୍ଧୁ ଏବଂ ସେବା ପ୍ରଦାତା ମଧ୍ୟ ଅପରାଧୀ ହୋଇପାରନ୍ତି।
- ହିଂସା, ପୁରୁଷ ଓ ମହିଳା ଉଭୟଙ୍କୁ ପ୍ରଭାବିତ କରିଥାଏ, ହେଲେ ମହିଳାମାନେ ତୁଳନାତ୍ମକ ଭାବେ ଅଧିକ ପ୍ରଭାବିତ ହୋଇଥା'ନ୍ତି।
- ଯେତେବେଳେ କୌଣସି ବ୍ୟକ୍ତି ଉପରେ ହିଂସା ତା'ର ସେକ୍ସ କିମ୍ବା ଜେଣ୍ଡର୍ କାରଣରୁ କରାଯାଇଥାଏ, ତେବେ ତାହାକୁ ଲିଙ୍ଗ ଆଧାରିତ ହିଂସା କୁହାଯାଇଥାଏ।
- ତିନିଜଣ ମହିଳା କିମ୍ବା ଝିଅମାନଙ୍କ ମଧ୍ୟରୁ ଜଣେ ନିଜର ଆର୍ଥିକ ସ୍ଥିତି ସତ୍ତ୍ୱେ, ନିଜ ଜୀବନକାଳରେ ହିଂସାର ଅନୁଭବ କରିଥା'ନ୍ତି।

# ସି୧୯୦ ଓ ବାଣିଜ୍ୟିକ ସଂଘ – ଏହା ହେଉଛି ଆମର ସାଧନ ଏବଂ ଆମକୁ ଏହାର ବ୍ୟବହାର କରିବା ଉଚିତ

## ସମ୍ମିଳନୀ ୧୯୦ ଅନ୍ତର୍ଗତ:

- ଘରୋଇ ହିଂସା ସମେତ ଲିଙ୍ଗ ଆଧାରିତ ହିଂସା ଓ ଉତ୍ପୀଡ଼ନକୁ କାର୍ଯ୍ୟ ଉପରେ ସୁରକ୍ଷା ଓ ସ୍ୱାସ୍ଥ୍ୟର ମୁଖ୍ୟଧାରାରେ ଆଣିବା ଦରକାର।
- ନିଯୋକ୍ତାଙ୍କୁ ବାଣିଜ୍ୟିକ ସଂଘର ପରାମର୍ଶରୁ ହିଂସା ଓ ଉତ୍ପୀଡ଼ନକୁ ରୋକିବା ପାଇଁ ଉପାୟ କରିବା ଏବଂ କାର୍ଯ୍ୟସ୍ଥଳର ନୀତିଗୁଡ଼ିକୁ ବିକଶିତ କରିବାର ଆବଶ୍ୟକତା ରାହିଛି।
- ସରକାରଙ୍କ ଦ୍ୱାରା ବାଣିଜ୍ୟିକ ସଂଘଗୁଡ଼ିକୁ କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନ ତଥା ଲିଙ୍ଗ ଆଧାରିତ ହିଂସା ଉପରେ ସଂସାଧନ ଓ ପ୍ରଶିକ୍ଷଣ ପ୍ରଦାନ କରିବା ଅନିବାର୍ଯ୍ୟ କରିଥାଏ।

ସି୧୯୦, ଦୁଇଟି ଆଇଏଲ୍ଓ ସଦସ୍ୟ ଦେଶଙ୍କ ଦ୍ୱାରା ଏହାର ଅନୁସମର୍ଥନ କରାଯିବାର ୧୨ ମାସ ପରେ ଲାଗୁ କରାଯିବ। କିନ୍ତୁ, ସଂଘମାନଙ୍କୁ ଅନୁସମର୍ଥନ କରାଯିବାର ଅପେକ୍ଷା କରିବାକୁ ପଡ଼ିବ ନାହିଁ; ଶ୍ରମିକମାନଙ୍କ ଜୀବନକୁ ବଦଳାଇବା ପାଇଁ ଆମକୁ ପ୍ରଥମରୁ ହିଁ ଏହି ସାଧନର ବ୍ୟବହାର କରାଯିବା ଉଚିତ।

**ଆଇଏଲ୍ଓ ସମ୍ମିଳନୀ ୧୯୦**

**ସି୧୯୦ ବାଣିଜ୍ୟିକ ସଂଘ ଓ ଅନ୍ୟ ହିତଧାରକମାନଙ୍କୁ କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନ ସହ ଲଢ଼ିବା ପାଇଁ ଗୋଟିଏ ଗତି ପ୍ରଦାନ କରିଥାଏ।**

## ଆସନ୍ତୁ ଏହାର ବ୍ୟବହାର କରିବା !

- ଅଭିଯାନ ଓ ବୁଝାମଣାର ସାମୂହିକ ଅଲୋଚନା ମାଧ୍ୟମରେ ଅଣ-ଭେଦଭାବ ଓ ସମାନତାକୁ ପ୍ରୋତ୍ସାହିତ କରନ୍ତୁ।
- କାର୍ଯ୍ୟ ଦୁନିଆରେ ହିଂସା ଓ ଉତ୍ପୀଡ଼ନ ବିଷୟରେ ସଦସ୍ୟମାନଙ୍କୁ ଶିକ୍ଷିତ କରନ୍ତୁ।
- ସି୧୯୦ ଓ ତାହାର ମହତ୍ତ୍ୱ ଉପରେ ସଦସ୍ୟମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ସି୧୯୦ ହେଉଛି ଗୋଟିଏ ଜୀବନ ପରିବର୍ତ୍ତକ ସମ୍ମିଳନୀ, ଯାହା ଲକ୍ଷ-ଲକ୍ଷ ଶ୍ରମିକମାନଙ୍କୁ ସୁରକ୍ଷିତ କାର୍ଯ୍ୟ ପରିବେଶ ପାଇବାରେ, ହିଂସା ଓ ଉତ୍ପୀଡ଼ନର ସମସ୍ତ ରୂପ, ବିଶେଷ ଭାବରେ ଲିଙ୍ଗ ଆଧାରିତ ହିଂସାକୁ ସମାପ୍ତ କରିବାରେ ସାହାଯ୍ୟ କରିବ।
- ଏହି ସାଧନଗୁଡ଼ିକର ଆଧାରରେ ସାମୂହିକ କଥାବାର୍ତ୍ତାରେ ଭାଷାକୁ ଅନ୍ତର୍ଭୁକ୍ତ କରନ୍ତୁ (ସି୧୯୦/ଆର୍୨୦୬)।
- ଏହା ସୁନିଶ୍ଚିତ କରିବା ପାଇଁ ନିଯୋକ୍ତାମାନଙ୍କ ସହିତ କାମ କରନ୍ତୁ କି, ସ୍ୱାସ୍ଥ୍ୟ ଓ ସୁରକ୍ଷା ନୀତିଗୁଡ଼ିକରେ ହିଂସା ଓ ନିର୍ଯ୍ୟାତନା, ବିଶେଷ ଭାବରେ ଲିଙ୍ଗ ଆଧାରିତ ହିଂସା ଅନ୍ତର୍ଭୁକ୍ତ ଥିବ।
- କାର୍ଯ୍ୟ ଦୁନିଆରେ ହିଂସା ଓ ନିର୍ଯ୍ୟାତନା ସହ ଲଢ଼ିବା ପାଇଁ ସାଧନ (ସି୧୯୦ / ଆର୍୨୦୬) ଉପରେ ଆଧାରିତ ଭାଷାକୁ ଅନ୍ତର୍ଭୁକ୍ତ କରିବା ପାଇଁ ବୈଶ୍ୱିକ ଢାଞ୍ଚାର ବୁଝାମଣାର ଆଲୋଚନାରେ ବୈଶ୍ୱିକ ୟୁନିୟନ୍ ଫେଡେରେଶନ୍‌ଗୁଡ଼ିକର ସମର୍ଥନ କରନ୍ତୁ।